To ensure your copy call 9861954260
www.thesakala.com
twitter.com/thesakala
facebook.com/sakala
thesakal0@gmail.com,thesakala@hotmail.com

# ସକାଳ
# S A K A L A

ପ୍ରତିଷ୍ଠାତା: ହୃଦାନନ୍ଦ ମଲ୍ଲିକ

**ଫଳାଫଳ ପୂର୍ବରୁ ୧୪୦ ଜଣ ଇଞ୍ଜିନିୟର ଇଭିଏମ ହ୍ୟାକିଂ ପ୍ରସ୍ତୁତିରେ ଅଛନ୍ତି: ହାର୍ଦ୍ଦିକ**



R.N.I. No.-42041/83 Vol-15, Issue No.168, ଭଦ୍ରକ, ସୋମବାର, ୧୮, ଡିସେମ୍ବର ୨୦୧୭ ■ Bhadrak, Monday, 18 December 2017 Rs. 2.00 Pages-8

# ଭାରତର ସିରିଜ୍ ବାଜିମାତ୍



- ଭାରତ ୨-୧ରେ ବିଜୟୀ
- ଧାୱନଙ୍କ ଅପରାଜିତ ଶତକ ସହ ମ୍ୟାନ୍ ଅଫ୍ ଦି ସିରିଜ୍

ବିଶାଖାପାଟଣା,୧୭।୧୨: ପ୍ରଥମେ ବୋଲର ଏବଂ ପରେ ଶିଖର ଧାୱନଙ୍କ ଅପରାଜିତ ଶତକ ଓ ଶ୍ରେୟସ ଆୟର(୬୫)ଙ୍କ ବଳରେ ଭାରତ ନିର୍ଣ୍ଣାୟକ ମ୍ୟାଚରେ ଶ୍ରୀଲଙ୍କାକୁ ୮ ୱିକେଟରେ ପରାସ୍ତ କରି ସିରିଜକୁ ୨-୧ରେ ଜିତି ନେଇଛି । ଶ୍ରୀଲଙ୍କା ଦ୍ୱାରା ଧାର୍ଯ୍ୟ ୨୧୬ ରନର ବିଜୟ ଲକ୍ଷ୍ୟକୁ ପିଛା କରି ଭାରତ ୩୨.୧ ଓଭରରେ ୨ୱିକେଟ୍ ବିନିମୟରେ ହାସଲ କରି ନେଇଛି । ଏଥିସହିତ ଭାରତ ଦିନିକିଆରେ କ୍ରମାଗତ ଅଷ୍ଟମ ସିରିଜ ଜିତିବାର ରେକର୍ଡ କରିଛି । ଏଥିସହିତ ଶ୍ରୀଲଙ୍କା ପ୍ରଥମ ଥର ଭାରତୀୟ ମାଟିରେ ପ୍ରଥମ ସିରିଜ ଜିତିବାର ସ୍ୱପ୍ନଭଙ୍ଗ ହୋଇଛି । ମ୍ୟାଚରେ ତିନୋଟି ୱିକେଟ୍ ନେଇ ବିଜୟରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିବା କୁଲଦୀପ ଯାଦବଙ୍କୁ ମ୍ୟାନ ଅଫ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି । ତିନି ମ୍ୟାଚ୍ ବିଶିଷ୍ଟ ସିରିଜରେ ୮୪.୦୪ ହାରରେ ଏବଂ ୧୦୬ ଷ୍ଟ୍ରାଇକ ରେଟରେ ୧୬୮ ରନ କରିଥିବା ଧାୱନ ମ୍ୟାନ ଅଫ ଦି ସିରିଜ ବିବେଚିତ ହୋଇଛନ୍ତି । ୨୧୬ ରନର ବିଜୟ ଲକ୍ଷ୍ୟକୁ ପିଛା କରୁଥିବା ଭାରତକୁ ପ୍ରଥମ ଝଟକା ଅଧିନାୟକ ରୋହିତଙ୍କ ରୂପେ ୩.୪ ଓଭରରେ ଲାଗିଥିଲା । ରୋହିତ(୭) ଧନଞ୍ଜୟଙ୍କ ବଲରେ କ୍ଲିନ ବୋଲ୍ଡ ହୋଇଥିଲେ । ଏହା ପରେ କ୍ରିଜକୁ ଆସିଥିବା ଶ୍ରେୟସ ଆୟରଙ୍କୁ ନେଇ ଶିଖର ଧାୱନ ଦଳର ସ୍କୋରକୁ ଆଗକୁ ବଢ଼ାଇଥିଲେ । ଉଭୟେ ବ୍ୟାଟସମ୍ୟାନ ଚତୁର୍ଦ୍ଦିଗକୁ ସଟ୍ ଖେଳି ଦଳର ବିଜୟ ସୁନିଶ୍ଚିତ କରିଥିଲେ । ଏହି କ୍ରମରେ ଶ୍ରେୟାସ ଆୟର ସ୍କୋର ୧୪୯ରେ ଆଉଟ୍ ହୋଇଥିଲେ । ପେରେରାଙ୍କ ବଲରେ ଲାକମଲଙ୍କୁ କ୍ୟାଚ୍ ଦେଇ ସେ ପାଭିଲିୟନ ଫେରିଥିଲେ । ଆୟର ଦିନିକିଆ କ୍ୟାରିୟରର ତୃତୀୟ ମ୍ୟାଚରେ ଦ୍ୱିତୀୟ ଅର୍ଦ୍ଧଶତକ ହାସଲ କରିଥିଲେ । ସେ ୬୩ ବଲରୁ ୮ ଚୌକା ଓ ୧ଟି ଛକା ବଳରେ ୬୫ ରନ କରିଥିଲେ । ଆଉଟ୍ ହେବା ପୂର୍ବରୁ ଆୟର ଧାଓ୍ୱନଙ୍କ ସହ ଦ୍ୱିତୀୟ ୱିକେଟରେ ୧୩୫ ରନ ଯୋଡିଥିଲେ । ଏହା ପରେ ଧାୱନ ଓ କାର୍ତ୍ତିକ ବାକି କାମ ପୁରା କରିଥିଲେ । ଦୁଇ ବ୍ୟାଟସମ୍ୟାନ ତୃତୀୟ ୱିକେଟରେ ୬୬ ରନ ଯୋଡ଼ି ଦଳକୁ ବିଜୟୀ କରାଇଥିଲେ । ଧାୱନ ୧୦୦ ଓ କାର୍ତ୍ତିକ ୨୩ ରନରେ ଅପରାଜିତ ଥିଲେ ।

## ମହାନଦୀ ବିବାଦ
# ବିଜେଡ଼ି ଆଣିବ ମୁଲତବୀ ପ୍ରସ୍ତାବ



ନୂଆଦିଲ୍ଲୀ, ୧୭।୧୨: ଡିସେମ୍ବର ୧୫ ତାରିଖରୁ ଆରମ୍ଭ ହୋଇଯାଇଛି ସଂସଦ ଶୀତକାଳୀନ ଅଧିବେଶନ । କେନ୍ଦ୍ର ସରକାରଙ୍କୁ ଘେରିବାକୁ ଚଳିତ ଅଧିବେଶନରେ ମହାନଦୀ ଜଳ ବିବାଦ ପ୍ରସଙ୍ଗକୁ ଅସ୍ତ୍ର କରିଛି ବିଜୁ ଜନତା ଦଳ । ମହାନଦୀକୁ ନେଇ କେନ୍ଦ୍ର ସରକାର ଆପଣାଇ ଥିବା ଦୋମୁହାଁ ନୀତିକୁ ବିଜେ ତୀବ୍ର ବିରୋଧ କରିବାର ସମ୍ଭାବନା ରହିଛି । ଏ ନେଇ ଆସନ୍ତାକାଲି ବିଜେ ଦଳ ରାଜ୍ୟସଭାରେ ମୁଲତବୀ ପ୍ରସ୍ତାବ ଆଣିବ ବୋଲି ବିଶେଷ ସୂତ୍ରରୁ ସୂଚନା ମିଳିଛି । ଏହି ପ୍ରସଙ୍ଗରେ ଅନ୍ୟ ଦଳ ମାନଙ୍କ ସହିତ ମଧ ଆଲୋଚନା କରାଯାଉଛି । ତେବେ କେଉଁ ଦଳ ବିଜେକୁ ସମର୍ଥନ କରିବେ ସେ ନେଇ କୌଣସି ସ୍ପଷ୍ଟ ସୂଚନା ଦିଆଯାଇ ନାହିଁ । ଉଲ୍ଲେଖଯୋଗ୍ୟ, ସଂସଦ ଅଧିବେଶନ ପୂର୍ବରୁ ଗତ ୧୪ ତାରିଖ ଦିନ ବସିଥିବା ବିଜେଡି ସଂସଦୀୟ ଦଳ ବୈଠକରେ ମହାନଦୀ ଉପରେ ଅଧିକ ଗୁରୁତ୍ୱ ଦିଆଯାଇଥିଲା । ସଂସଦୀୟ ଦଳ ବୈଠକରେ ଦଳର ସୁପ୍ରିମୋ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମହନଦୀ ମାମଲାରେ ଛତିଶଗଡ଼ ସକରାରଙ୍କୁ କେନ୍ଦ୍ରର ଅହେତୁକ ଅନୁକମ୍ପା ବିରୋଧରେ ସ୍ୱର ଉଠାଇବାକୁ (ପୃଷ୍ଠା-୭)

# ଟିକେଟ ନ ମିଳିବାକୁ ନେଇ ବାରବାଟୀ ଷ୍ଟାଡିୟମ ଠାରେ ଉତ୍ତେଜନା

ଭୁବନେଶ୍ୱର, ୧୭।୧୨ (ସକାଳ ଖବର): ଭାରତ ଓ ଶ୍ରୀଲଙ୍କା ମଧ୍ୟରେ ହେବାକୁ ଥିବା ଟି-୨୦ କ୍ରିକେଟ ମ୍ୟାଚ ପାଇଁ ଗ୍ୟାଲେରୀ ଟିକେଟ ନ ମିଳିବାକୁ ନେଇ କଟକ ଠାରେ ଥିବା ବାରବାଟୀ ଷ୍ଟାଡିୟମ ଠାରେ କ୍ରିକେଟ ଦର୍ଶକ ମାନଙ୍କ ମଧ୍ୟରେ ପ୍ରବଳ ଉତେଜନା ଦେଖା ଦେଇଛି । ଏଥିରେ ଉତେଜିତ ହୋଇ କ୍ରିକେଟ ଦର୍ଶକ ମାନେ ଷ୍ଟାଡିୟମର ବାରିକେଟ ଭାଙ୍ଗିବା ସହିତ ପଥର ଫିଙ୍ଗିଥିଲେ । ପରେ ସେଠାରେ ପୋଲିସକୁ ମୁତୟନ କରାଯିବା ପରେ ସ୍ଥିତି ନିୟନ୍ତ୍ରଣକୁ ଆସିଥିଲା । କ୍ରିକେଟ ଦର୍ଶକ ମାନଙ୍କର କହିବା କଥା ହେଲେ ଯେ ସେମାନେ ସକାଳୁ ଲାଇନରେ ଠିଆ ହେଲେ ସୁଦ୍ଧା ଗୋଟିଏ ହେଲେ ଟିକେଟ ବିକ୍ରୀ କରାଯାଇ ନାହିଁ । ଟିକେଟ ସରିଯାଇଥିବା ସମ୍ପର୍କରେ ଗତକାଲି ଖୁବ ବିଳମ୍ବରେ ଘୋଷଣା କରା ଯାଇଥିଲା ।

# ଓଡିଶା ମାଓମୁକ୍ତ ରାଜ୍ୟ ହେବ



ଭୁବନେଶ୍ୱର, ୧୭।୧୨ (ସକାଳ ଖବର):- ଓଡିଶା ରାଜ୍ୟକୁ ମାଓ ମୁକ୍ତ ରାଜ୍ୟ କରିବା ପାଇଁ ଯୋଜନା ପ୍ରସ୍ତୁତ ଚାଲିଛି ବୋଲି ପୋଲିସ ମହାନିର୍ଦ୍ଦେଶକ ଡ. ଆରପି.ଶର୍ମା କହିଛନ୍ତି । ପୋଲିସ କମିଶନର କାର୍ଯ୍ୟାଳୟରେ ଡିଜିପିଙ୍କ କ୍ୟାମ୍ପ ଅଫିସରେ ଓଡିଶା ଗସ୍ତରେ ଆସିଥିବା ବିଏସଏଫର ଅତିରିକ୍ତ ଡିଜି ଅରୁଣ କୁମାର ଓ ଓଡିଶା ପୋଲିସ ଡିଜିପି ଡ. ଶର୍ମାଙ୍କ ମଧ୍ୟରେ ମାଓ ଦମନ ରଣନୀତି ଉପରେ ଆଲୋଚନା କରିବା ସହ ଏ ସମ୍ପର୍କରେ ବ୍ଲୁ ପ୍ରିଂଟକୁ ନେଇ ମଧ୍ୟ ଆଲୋଚନା ହୋଇଥିଲା । ଏହା ବ୍ୟତୀତ ରାଜ୍ୟ ପୋଲିସ ଓ ବିଏସଏଫ ମଧ୍ୟରେ ଉପଯୁକ୍ତ ସମନ୍ୱୟ ରହିବାକୁ ନେଇ ଆଲୋଚନା ହୋଇଥିଲା । ଉଲ୍ଲେଖନୀୟ ଯେ ଗତକାଲି ବିଏସଏଫ ଏଡିଜି ଶ୍ରୀ କୁମାର ମାଲକାନଗିରି ଗସ୍ତ କରି ମାଓବାଦୀ ଗତିବିଧି ସମ୍ପର୍କରେ ସେଠାରେ ଆଲୋଚନା କରିଥିଲେ ।

## ୧୮ରେ ଭୁବନେଶ୍ୱର ପହଞ୍ଚିବ ଭାରତୀୟ କ୍ରିକେଟ ଟିମ

ଭୁବନେଶ୍ୱର, ୧୭।୧୨ (ସକାଳ ଖବର): ଆସନ୍ତା ୨୦ ତାରିଖରେ କଟକ ବାରବାଟୀ ଷ୍ଟାଡିୟମ ଠାରେ ଅନୁଷ୍ଠିତ ହେଉଥିବା ଭାରତ-ଶ୍ରୀଲଙ୍କା ଦିନିକିଆ କ୍ରିକେଟ ମ୍ୟାଚ୍ ଖେଳିବା ପାଇଁ ସମ୍ପୃକ୍ତ ଦେଶର

### ୬୩ ପ୍ଲାଟୁନ ପୋଲିସ ମୁତୟନ ହେବେ

ଖେଳାଳୀମାନେ ୧୮ ତାରିଖ ଦିନ ଭୁବନେଶ୍ୱର ଠାରେ ପହଂଚିବେ। ୧୯ ତାରିଖରେ ଷ୍ଟାଡିୟମକୁ ଯାଇ ଅଭ୍ୟାସ ଖେଳ ଖେଳିବେ। ୨୦ ତାରିଖ ମ୍ୟାଚ ଖେଳିସାରିବା ପରେ ୨୧ ତାରିଖ ପ୍ରତ୍ୟାବର୍ତ୍ତନ କରିବେ। ସେମାନଙ୍କ ସୁରକ୍ଷା ପାଇଁ ଭୁବନେଶ୍ୱରରେ ୧୮ ପ୍ଲାଟୁନ ଓ କଟକରେ ୬୩ ପ୍ଲାଟୁନ ପୋଲିସ ମୁତୟନ କରିବେ ବୋଲି କମିଶନରେଟ ପୋଲିସ ପକ୍ଷରୁ କୁହାଯାଇଛି। ଷ୍ଟାଡିୟମ ଭିତରକୁ ପାଣିବୋତଲ ଓ ଅନ୍ୟାନ୍ୟ ଜିନିଷ ନେବାର କଟକଣା କରାଯାଇଛି ।



ଯିଏ ମୋତେ ଭକ୍ତିରେ ହାତ ଯୋଡିବ ମୁଁ ତା ପାଖକୁ ପହଞ୍ଚିବି ସେ ଯେଉଁଠି ଥାଉ ।



ହୁଣ୍ଡିର ଆୟ (୧୭.୧୨.୧୭) ୪,୩୬,୬୪୭

# ୬ ହଜାର କୋଟିରେ ୬ ଶହ କିମି ପାଇପଲାଇନ୍‌ର ଶୁଭାରମ୍ଭ



- ସୁକିନ୍ଦାର ହରିପୁର ପଞ୍ଚାୟତରେ ଉର୍ଜା ଗଙ୍ଗା ପାଇପଲାଇନର ଶୁଭାରମ୍ଭ
- ଓଡିଶାବାସୀଙ୍କୁ ମୋଦିଙ୍କ ନୂଆ ବର୍ଷ ଉପହାର : ଧର୍ମେନ୍ଦ୍ର ପ୍ରଧାନ
- ଓଡିଶାର ବିକାଶ ପାଇଁ କେନ୍ଦ୍ର ସରକାର କରୁଥିବା ଯୋଜନାରେ ରାଜ୍ୟ ସରକାର ସହଯୋଗର ହାତ ବଢାନ୍ତୁ
- ବ୍ରାହ୍ମଣୀ ସେତୁ ସମେତ ଚଣ୍ଡିଖୋଲରୁ ବହ୍ମର ପର୍ଯ୍ୟନ୍ତ ରାସ୍ତାର ୬ଶହ କୋଟି ବ୍ୟୟରେ ହେବ ବିକାଶ

ଭୁବନେଶ୍ୱର/ ସୁକିନ୍ଦା ୧୭।୧୨ (ସକାଳ ଖବର): ନୂଆ ବର୍ଷ ୨୦୧୮ର ଅବ୍ୟବହିତ ପୂର୍ବରୁ ଓଡିଶାରେ ୬ ଶହ କିମି ନ୍ୟାଚୁରାଲ ଗ୍ୟାସ ପାଇପଲାଇନର ଶୁଭାରମ୍ଭ ଓଡିଶାବାସୀ ବିଶେଷ ଭାବରେ ଉପକୂଳ ଓଡିଶା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉପହାର ବୋଲି ଯାଜପୁର ଜିଲ୍ଲା ସୁକିନ୍ଦାର ହରିପୁର ପଂଚାୟତରେ ଏହି କାମର ଶୁଭ ଦେବା ଅବସରରେ କହିଛନ୍ତି କେନ୍ଦ୍ର ପେଟ୍ରୋଲିୟମ. ପ୍ରାକୃତିକ ଗ୍ୟାସ, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଶ୍ରୀ ପ୍ରଧାନ କହିଛନ୍ତି ଯେ ଧାମରା ଠାରେ ୬ ହଜାର କୋଟି ଟଙ୍କା ବିନିମୟରେ ଏଲଏନଜି ଟର୍ମିନାଲର ଶୁଭ ଦିଆ ସରିଛି । ଆମେରିକା, ଅଷ୍ଟ୍ରେଲିୟା ଓ କତାର ଆଦି ଦେଶରୁ ବଡ ଜାହାଜରେ ଗ୍ୟାସ ଆସି ଏହି ଠାରୁ ଉତର ପ୍ରଦେଶର ଆଲାହାବାଦ ପର୍ଯ୍ୟନ୍ତ ୨୫୦୦ କିମି ଦୈର୍ଘ୍ୟ ପାଇପଲାଇନ ଯୋଗେ ପ୍ରବାହିତ ହେବ । ଶ୍ରୀ ପ୍ରଧାନ କହିଛନ୍ତି ଯେ ଓଡିଶାରେ ଏହା ମଧ୍ୟରୁ ୬ ଶହ କିମିର ପାଇପଲାଇନ ଓଡିଶାର ସୁନ୍ଦରଗଡ, ଝାରସୁଗୁଡା, ସମ୍ବଲପୁର, ଅନୁଗୁଳ, ଢେଙ୍କାନାଳ, କଟକ, ଯାଜପୁର, କେନ୍ଦ୍ରାପଡା. ଜଗତସିଂହପୁର ଓ ଖୋର୍ଦ୍ଧା ଆଦି ଜିଲ୍ଲା ଦେଇ ଗତି କରିବ । ସ୍ୱପ୍ନ ନୁହେଁ ମୋଦି ,ସ୍ୱପ୍ନକୁ ବାସ୍ତବତାର ରୂପ ଦେବା ପାଇଁ ଲୋକାଭିମୁଖୀ ସରକାରର ନେତୃତ୍ୱ ନେଉଛନ୍ତି ମୋଦି ବୋଲି ଶ୍ରୀ ପ୍ରଧାନ କହିବା ସହ ରାଜ୍ୟ ସରକାର ପାଦେ ଚାଲିଲେ ମୋଦି ସରକାର ଆଉ ତିନି ପାଦ ଆଗକୁ ଚାଲିବା ପାଇଁ ଆଗଭର ବୋଲି କହିଛନ୍ତି । ଶ୍ରୀ ପ୍ରଧାନ କହିଛନ୍ତି ଯେ ଧାମରାର ଏଲଏନଜି ଟର୍ମିନାଲ ଭିତିପ୍ରସ୍ତର ବେଳେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏଥିରେ ଯୋଗ ଦେବା ପାଆଁ ସେ ଅନୁରୋଧ ସତ୍ତ୍ୱେ ବୋଧ ହୁଏ କାର୍ଯ୍ୟବ୍ୟସ୍ତତା ଯୋଗୁ ଆସି ପାରି ନ ଥିଲେ । ମାତ୍ର ଓଡିଶାର ବିକାଶ ପାଇଁ ଯୁବକ ମହିଳାଙ୍କ ସ୍ୱାର୍ଥ ରକ୍ଷା ପାଇଁ କେନ୍ଦ୍ର ସରକାର କରୁଥିବା ଯୋଜନାରେ ରାଜ୍ୟ ସରକାର ସହଯୋଗର ହାତ ବଢାନ୍ତୁ ବୋଲି ଶ୍ରୀ ପ୍ରଧାନ ଅନୁରୋଧ କରିଛନ୍ତି। ଶ୍ରୀ ପ୍ରଧାନ କହିଛନ୍ତି ଯେ ଓଡିଶାରେ ସୁଦୀର୍ଘ ପାଇପଲାଇନ ଓଡିଶାରେ ଉର୍ଜାର ଢାଂଚାଗତ ଆବଶ୍ୟକତାକୁ ପୂରଣ (ପୃଷ୍ଠା-୭)

# ଭିଜିଲାନ୍ସ ଜାଲରେ ଡିଏଫଓ

ନୂଆପଡା, ୧୭।୧୨ (ସକାଳ ଖବର): ନୂଆପଡା ଜିଲା ଖଡିଆଳ କେନ୍ଦୁପତ୍ର ବନଖଣ୍ଡ ଅଧିକାରୀ ଲକ୍ଷ୍ମୀକାନ୍ତ ମିଶ୍ର ତାଙ୍କ ସରକାରୀ ବାସଭବନରେ ଲାଂଚ ନେଉଥିବା ବେଳେ ଭିଜିଲାନ୍ସ ବିଭାଗ ହାତରେ ଧରା ପଡିଛନ୍ତି। ଗତକାଲି ବିଳମ୍ବିତ ରାତ୍ରୀରେ ନିଜ ବିଭାଗର ଲଖନା ରେଞ୍ଜର ପର୍ଶୁରାମ ପଟେଲଙ୍କ ଠାରୁ ୨ ଲକ୍ଷ ୨୦ ହଜାର ଟଙ୍କା ଲାଂଚ ନେଉଥିବା ବେଳେ ସେ ଭିଜଲାନ୍ସ ହାତରେ ଧରା ପଡିଛନ୍ତି। ଜୟପୁର ଭିଜିଲାନ୍ସ ବିଭାଗ ଏସପି ହରେକୃଷ୍ଣ ବେହେରାଙ୍କ ନେତୃତ୍ୱରେ ଖଡିଆଳ କେନ୍ଦୁପତ୍ର ବନଖଣ୍ଡ ଅଧିକାରୀଙ୍କ ବାସଭବନରେ ମଧ ଚଢାଉ କରାଯାଇଥିଲା। ତାଙ୍କ ସରକାରୀ ବାସଭବନରୁ ନଗଦ ୮ ଲକ୍ଷ ୫୦ ହଜାର ଟଙ୍କା ଜବତ କରାଯାଇଥିବା ନେଇ ଭିଜଲାନ୍ସ ବିଭାଗ ଏସପି ପ୍ରକାଶ କରିଛନ୍ତି। କୋମନା ବ୍ଲକ ଲଖନା ଠାରେ ଏକ ରେଞ୍ଜ କାର୍ଯ୍ୟାଳୟ ନିର୍ମାଣ ନେଇ ବିଭାଗୀୟ ଅର୍ଥବରାଦ ହୋଇ ୧୩ ଲକ୍ଷ ୫୦ ଟଙ୍କା ବ୍ୟୟ ଅଟକଳରେ ଗୃହ ନିର୍ମାଣ ପାଇଁ ନିଷ୍ପତି ହୋଇଥିଲା। ଏହି ଗୃହ ନିର୍ମାଣ କାର୍ଯ୍ୟ ପାଇଁ କେନ୍ଦୁପତ୍ର ବନଖଣ୍ଡ ଅଧିକାରୀ ଲଖନା ରେଞ୍ଜର ପର୍ଶୁରାମ ପଟେଲଙ୍କୁ ୨ ଲକ୍ଷ ୨୦ ହଜାର ଟଙ୍କା ଦାବି କରିଥିଲେ। ଗତକାଲି ରେଞ୍ଜର ଟଙ୍କା ଦେଉଥିବା ବେଳେ ଭିଜଲାନ୍ସ ଅଧିକାରୀ ମାନେ ଚଢାଉ କରି ଡିଏଫଓଙ୍କୁ ଗିରଫ କରିଛନ୍ତି। ତାଙ୍କ ନିକଟରୁ ଏହି ଟଙ୍କା ଜବତ କରିଛନ୍ତି। ସେହିପରି ତାଙ୍କ ସରକାରୀ ବାସଭବନ ଉପରେ ଅଧିକାରୀ ମାନେ ଚଢାଉ କରିବା ବେଳେ ନଗଦ ୮ ଲକ୍ଷ ୫୦ ହଜାର ଟଙ୍କା ଜବତ କରିବା ସହ ଆଜି ଶ୍ରୀ ମିଶ୍ରଙ୍କୁ ଭବାନୀପାଟନା ସ୍ଥିତ ଭିଜଲାନ୍ସ କୋର୍ଟକୁ ଚାଲାଣ କରିଥିବା ଜଣାପଡିଛି। ଏହି ଚଢାଉରେ ରାୟଗଡା ଡିଏସପି ଶାନ୍ତାନୁ କୁମାର ବିଶ୍ୱାଳ, ନୂଆପଡା ଡିଏସପି ସତ୍ୟବାନ ମହାନନ୍ଦ ସାମିଲ୍ ଥିଲେ । ଡିଏଫଙ୍କ ବିରୁଦ୍ଧରେ ଦୀର୍ଘ ଦିନରୁ ବ୍ୟାପକ ଲାଂଚ କାରବାର କରୁଥିବା ନେଇ ଅଭିଯୋଗ ହୋଇଥିଲା । ତାଙ୍କ ବଦଳି ହୋଇଥିବା ସତ୍ତ୍ୱେ ସେ ମନ୍ଦ ଉଦ୍ଦେଶ୍ୟ କାରଣରୁ ଏଠାରେ ବନଖଣ୍ଡ ଅଧିକାରୀ ରୂପେ ଅବସ୍ଥାପିତ ରହିଥିବା ଜଣାପଡିଛି।

# ସମୁଦ୍ରରେ ବୁଡି ଛାତ୍ରଙ୍କ ମୃତ୍ୟୁ

ପୁରୀ, ୧୭।୧୨ (ସକାଳ ଖବର): ସମୁଦ୍ରରେ ବୁଡି ଆଜି ଜଣେ ଛାତ୍ରଙ୍କ ମୃତ୍ୟୁ ଘଟିଛି । ତାଙ୍କ ନାମ ପ୍ରତୀକ ମହାପାତ୍ର । ସେ ଭୁବନେଶ୍ୱରର ଏକ ଘରୋଇ ସ୍କୁଲରେ ଯୁକ୍ତ ଦୁଇ ଶେଷ ବର୍ଷର ଛାତ୍ର ଥିଲେ । ପ୍ରତୀକ ଆଜି ଅସ୍ତରଙ୍ଗ ଜାହାନିଆକୁ ସାଙ୍ଗ ମାନଙ୍କ ସହିତ ପିକନିକ୍ ରେ ଯାଇଥିଲେ । ସେଠାରେ ସମୁଦ୍ରରେ ଗାଧୋଇବା ସମୟରେ ଅସାବଧାନତାବଶତଃ ସେ ଗଭୀର ଜଳରାଶି ମଧ୍ୟକୁ ଚାଲିଯାଇଥିଲେ । (ପୃଷ୍ଠା-୭)

# ବିସ୍ଫୋରକ ଚୋରା ଚାଲାଣ ରାକେଟର ପର୍ଦ୍ଦାଫାଶ, ୪ ଗିରଫ

ବଲାଙ୍ଗୀର,୧୭।୧୨ (ସକାଳ ଖବର): ବଲାଙ୍ଗୀର ପୋଲିସ ରବିବାର ଏକ ବିସ୍ଫୋରକ ଚୋରା ଚାଲାଣ ରାକେଟ୍‌ର ପର୍ଦ୍ଦାଫାଶ୍ କରିଛି । ଏହି ରାକେଟରେ ସଂପୃକ୍ତ ୪ ଜଣ ସଦସ୍ୟଙ୍କୁ ଗିରଫ କରାଯାଇଛି । ସେଥିମଧ୍ୟରୁ ୨ ଜଣ ଟିଟିଲାଗଡ଼ର ଓ ଅନ୍ୟ ୨ ଜଣ ରାଜ୍ୟ ବାହାରର ବୋଲି ପୋଲିସର ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି । ମିଳିଥିବା ଖବର ଅନୁଯାୟୀ, ଆଜି ଏକ ପିକ ଭ୍ୟାନ୍ ଢେଙ୍କାନାଳରୁ ଟିଟିଲାଗଡ଼ ଯିବାବେଳେ ବଲାଙ୍ଗୀର ରତନପୁରଠାରେ ଦୁର୍ଘଟଣା ଗ୍ରସ୍ତ ହୋଇଥିଲା । ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗାଡି ଯାଞ୍ଚ କରୁଥିବା ସମୟରେ ଗାଡ଼ି ଭିତରୁ ବିସ୍ଫୋରଣ ଜିନିଷ ବାହାରିଥିଲା । ଘଟଣାର ତଦନ୍ତ କ୍ରମେ ପୋଲିସ ବିସ୍ଫୋରକ ଜିନିଷ ମହଜୁଦ ରଖିଥିବା ଅଭିଯୋଗରେ ୪ ଜଣଙ୍କୁ ଗିରଫ କରିଛି । ଏହି ରାକେଟର ପର୍ଦ୍ଦାଫାସ ହେବା ପରେ ବିସ୍ଫୋରକ ପଦାର୍ଥ ଆସିଥିବା ଦୋକାନ ଉପରେ ପୋଲିସ ଚଢାଉ କରିଥିଲେ ମଧ ପୂର୍ବରୁ ବ୍ୟବସାୟୀ ଜଣକ ଫେରାର ହୋଇଯାଇଥିଲେ । ଏହି ରାକେଟରେ ଆଉ କେତେ ଜଣ ସଦସ୍ୟଙ୍କ ହାତ ଥିବା ସନ୍ଦେହ କରାଯାଉଛି । ଫେରାର ଥିବା ବ୍ୟବସାୟୀଙ୍କୁ ପୋଲିସ ଧରିବା ପାଇଁ ଘଟଣାର ଖୋଳତାଡ଼୍ କରିବା ସହ ଗିରଫ ଅଭିଯୁକ୍ତଙ୍କୁ ପଚରାଉଚୁରା କରୁଅଛି ।

# ସୁଖୋଇ ଫାଇଟର୍ ଜେଟ୍‌ରୁ ବ୍ରହ୍ମୋସ୍ କ୍ଷେପଣାସ୍ତ୍ର ଲଞ୍ଚ କରାଯିବ




ନୂଆଦିଲ୍ଲୀ,୧୭।୧୨ : ଦେଶର ୪୦ଟି ସୁଖୋଇ ଲଢ଼ୁଆ ବିମାନରେ ପରିବର୍ତ୍ତନ କରିବାର କାମ ଆରମ୍ଭ କରାଯାଇଛି । କାରଣ ଭାରତୀୟ ବାୟୁସେନାର ମହତ୍ତ୍ୱପୂର୍ଣ୍ଣ ଆବଶ୍ୟକତାକୁ ପୁରା କରିବା ସହିତ ଏହି ଲଢୁଆ ବିମାନରୁ ବ୍ରହ୍ମୋସ ସୁପରସୋନିକ କ୍ରୁଜ ମିସାଇଲକୁ ଲଞ୍ଚ କରା ଯାଇ ପାରିବ । ଦୁନିଆର ସବୁଠୁ ଦ୍ରୁତତମ ସୁପରସୋନିକ ମିଜାଇଲ ଆକାଶକୁ ନଭେମ୍ବର ୨୨ରେ ସୁଖୋଇ-୩୦ ଲଢ଼ୁଆ ବିମାନରୁ ସଫଳ ପରୀକ୍ଷଣ କରାଯାଇଥିଲା । ଏହି ସଫଳତା ସହିତ ଭାରତୀୟ ବାୟୁସେନାର ଶକ୍ତି ବୃଦ୍ଧି ହୋଇଛି । ଅଧିକାରୀ ସୂତ୍ର ମୁତାବକ ୪୦ ସୁଖୋଇ ବିମାନରେ ବ୍ରହ୍ମୋସକୁ ପ୍ରକ୍ଷେପଣ କରିବାର ପ୍ରସ୍ତୁତି ଆରମ୍ଭ ହୋଇଯାଇଛି । ଏହି ପ୍ରୋଜେକ୍ଟର ସମୟ ସୀମା ସ୍ଥିର ହୋଇଯାଇଛି । ସୂଚନା ମୁତାବକ ଏହି ପ୍ରୋଜେକ୍ଟ ୨୦୨୦ରେ ପୁରା କରାଯିବ । ବ୍ରହ୍ମୋସ କ୍ଷେପଣାସ୍ତ୍ରକୁ ପ୍ରକ୍ଷେପଣ ଉପଯୋଗୀ କରିବା ପାଇଁ ସରକାରୀ ହିନ୍ଦୁସ୍ତାନ ଏରୋନେଟିକ୍ସ ଲିମିଟେଡ(ଏଚଏଏଲ)ରେ ଏହି ୪୦ ସୁଖୋଇ ବିମାନରେ ସରଞ୍ଜାମାତ୍ମକ ପରିବର୍ତ୍ତନ କରାଯିବ । ଅଢ଼େଇ ଟନ ଓଜନ ବିଶିଷ୍ଟ ଏହି ମିଜାଇଲ ଧ୍ୱନୀର ଗତିରୁ ତିନି ଗୁଣା ଅଧିକ ବେଗରେ ଗତି କରିଥାଏ । ଏହାର ଲକ୍ଷ୍ୟଭେଦ କ୍ଷମତା ୨୫୦ କିଲୋମିଟର । ଏହି ପ୍ରୋଜେକ୍ଟ କାମ ଶେଷ ହେବା ପରେ ସୁଖୋଇ ଲଢୁଆ ବିମାନରୁ ବ୍ରୋହ୍ମସ କ୍ଷେପଣାସ୍ତ୍ରରୁ ପ୍ରକ୍ଷେପଣ କରାଯାଇ ପାରିବ ।

## ବ୍ୟାଗରୁ ଶିଶୁ ଉଦ୍ଧାର

ଭୁବନେଶ୍ୱର, ୧୭।୧୨ (ସକାଳ ଖବର): ଭୁବନେଶ୍ୱର ସୈନିକ ସ୍କୁଲସ୍ଥିତ ଅଳିଆ ଗଦା ନିକଟରୁ ଏକ ବ୍ୟାଗରେ ଥିବା ଜଣେ ଶିଶୁକୁ ଆଜି ଉଦ୍ଧାର କରାଯାଇଛି । ବିଏମସି କର୍ମଚାରୀମାନେ ସେହି ବାଟ ଦେଇ ଯିବାବେଳେ ଶିଶୁଟିର କ୍ରନ୍ଦନ ଶୁଣି ତାକୁ ଉଦ୍ଧାର କରିବା ପରେ ସିଡବ୍ଲ୍ୟୁଡ଼ିକୁ ବିଭାଗକୁ ଖବର ଦେଇଥିଲେ । ପରେ ସିଡବ୍ଲ୍ୟୁଡ଼ି ଟିମ ଆସି ପିଲାକୁ ଆପୋଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ ଛ ପିଲାଟି ମେଡ଼ିକାଲରେ ଚିକିତ୍ସିତ ହେଉଥିବାବେଳେ ତାର ସ୍ୱାସ୍ଥ୍ୟାବସ୍ଥା ସମ୍ପୂର୍ଣ୍ଣ ଠିକ୍ ଥିବା ଜଣାପଡ଼ିଛି । ଶିଶୁଟିକୁ କିଏ ବ୍ୟାଗରେ ରଖିଲା ସେ ନେଇ କିଛି ଜଣାପଡ଼ିନଥିବାବେଳେ ଗତକାଲି ରାତିରେ କେହି ଜଣେ ଶିଶୁଟିକୁ ସେଠାରେ ପକାଇ ଚାଲିଯାଇଥିବା ଅନୁମାନ କରାଯାଉଛି । ଦୁଇ ଦିନ ପୂର୍ବରୁ ରାଜଧାନୀ ସାଲିଆ ସାହୀରେ ପିଲା ବିକ୍ରି ଘଟଣା ନଜରକୁ ଆସିଥିଲା । ମାତ୍ର ଏହା ପରେ ଜଣେ ଶିଶୁ ପରିତ୍ୟକ୍ତ ଅବସ୍ଥାରେ ଏକ ବ୍ୟାଗରୁ ଉଦ୍ଧାର ହେବା ଘଟଣା ଜଣାପଡ଼ିବା ପରେ ସିଡବ୍ଲ୍ୟୁଡି ଅନୁସନ୍ଧାନ କରୁଅଛି ।

cmyk

# ßœÿLÿ Ý¨Ó S¨Àÿ þÉœÿ Ó{ƒ ÉæÓLÿ ¯ÿf fœÿ†ÿæ 'ÿÁÿ Aæ'ÿ¯ÿæÓê ¯ÿ{Àÿæ™ê : ¯ÿ{f¨

## {µÿf{üÿÎLÿ D¨{µÿæS Lÿ{àÿ S~Éäæ þ¦ê

## ™æþœÿSÀÿ ¯ÿæÁÿLÿæ ¯ÿ'ÿ¿æÁÿßÀÿ ¯ÿæ ÌLÿ Lÿêxÿæ D'ÿ¾æ¨†ÿ

## ¨sæ¨s `ÿLÿ s,ÿæ{þ+ D'ÿWæs†ÿ

## Aœÿ{SæÀÿ {fÓAæBÀÿ ÌÏ ×æ¨œÿæ 'ÿ¯ÿÓ, AæÉÎ ASHæÀÿ {Üÿ{àÿ œÿ†ÿœÿ Óµÿæ¨†ÿ

## ÓæB B+{S{sxÿ Lÿ{àÿf ¨äÀÿ Aàÿ¸Aæxÿ ¨Àÿêäæ

## Ó¯ÿæ Ì ¯ÿæÜÿœÿê ¨äÀÿ `ÿ†ÿæZÿœÿ ¨†ÿ{¾æS†ÿæ

## µÿ'ÿLÿ ¨þßÀÿ àÿS ¯ÿ†ÿêß 'ÿ¯ÿÓ{Àÿ ßœÿÿLÿ üÿæBsÓ Hµÿ'ÿLÿ ¯ÿàÿÓ ¯ÿfßê

## "Óbÿ µÿæÀÿ†ÿ" Aµÿ¾æœÿ ¨æB {Sæ Ïê Ó{¯ÿ†ÿœÿ†ÿæ FLÿ ÓüÿAÿ†ÿæ: xÿLÿAÿ `ÿæ¢ÿ

Printed, Published & Owned by Amit Kumar Mallick, Printed at Press Webline, D-2/19 Sector 'Sector-A, Zone-D' Mancheswar Industrial Estate, BBSR-751010, City Office: A/69, Unit - 3, Industrial Area, Kharvel Nagar, Bhubaneswar - 1, Ph./Fax. : (0674) 2380706, (O), E-mail address: thesakala@hotmail.com, thesakal0@gmail.com
Editor - Amit Kumar Mallick

ÿêW xæßê fê¯ÿœÿ ¨æB ÉÑÿ ÓóÀÿä~ LÿÀÿ;ÿ

Óó¨æ'ÿLÿ : Aþ†ÿ LÿþæÀÿ þàÿLÿ

cmyk